


0680CH02

## ୨ୟ ଅଧ୍ୟାୟ

# ନିଦର୍ଶନ ସ୍ୱରୂପ ଚିତ୍ରରେ ପରିବର୍ତ୍ତନ କରିବା


ଏହି ଅଧ୍ୟାୟ ତୁମକୁ ପ୍ରକୃତିର ଚମତ୍କାରରେ ହଜାଇବ। ତୁମେ ବାହାରକୁ ଯାଇ ଅନ୍ୟାନ୍ୟ ଜୀବନଶୈଳୀରେ ଅନେକ ସୁନ୍ଦର ଆକୃତି, ରୂପ, ରଙ୍ଗ, ଢାଞ୍ଚା ଏବଂ ଗଠନ ଆବିଷ୍କାର କରିବ । ତୁମେ ଚିତ୍ରାଙ୍କନ ଏବଂ ରଙ୍ଗ କରିବା କାର୍ଯ୍ୟକଳାପ ମାଧ୍ୟମରେ ଏହି ବିବରଣୀକୁ ରେକର୍ଡ କରିବା ଶିଖିବ ।

ତୁମେ ନିଜର ପ୍ରାକୃତିକ ରଙ୍ଗ ତିଆରି କରିବାର ଆକର୍ଷଣୀୟ ପ୍ରକ୍ରିୟା ସହିତ ରଙ୍ଗର ଆଭା ଏବଂ ଶେଡ୍ ତିଆରି କରିବାର କୌଶଳ ମଧ୍ୟ ଶିଖିବ । ଏହି ଅଧ୍ୟାୟ ତୁମକୁ ସୃଜନଶୀଳ ଭାବରେ ଚିନ୍ତା କରିବାକୁ ଏବଂ ଦୁନିଆକୁ ଦେଖିବାର ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବାକୁ ପ୍ରେରଣା ଦେବ ।



© NCERT not to be republished





## କାର୍ଯ୍ୟକଳାପ ୧: ପ୍ରକୃତିର ଚଳନ

ଗଛ, ଗୁଳ୍ମ, ପାହାଡ଼, ଝରଣା, ସମୁଦ୍ର ଓ ବାଲିରେ ଘେରି ରହିଥିବା ବେଳେ ତୁମେ କେମିତି ଅନୁଭବ କର ? ପ୍ରକୃତି ଦ୍ୱାରା ଘେରି ରହିଥିବା କଥା ଚିନ୍ତା କରି ଦୁଇରୁ ତିନି ମିନିଟ୍ ବିତାଅ । ତୁମେ କ'ଣ ଦେଖୁଛ ? ବିଭିନ୍ନ ଜିନିଷକୁ ସ୍ପର୍ଶ କଲେ କେମିତି ଅନୁଭବ ହୁଏ ? ପାଦ ତଳେ କ'ଣ ଅନୁଭବ କରୁଛ ? ତୁମେ କେତେ ଦୂର ଦେଖିପାରୁଛ ? କିଛି ଚଳପ୍ରଚଳ ହେଉଛି କି ? ତୁମେ କ'ଣ ଶୁଣୁଛ ?

ଚାରିରୁ ପାଞ୍ଚ ଜଣ ଛାତ୍ରଙ୍କ ଛୋଟ ଛୋଟ ଗ୍ରୁପ୍ ତିଆରି କର ଏବଂ ପରସ୍ପର ସହତ ତୁମ କଳ୍ପନାକୁ ବିନିମୟ କର ।

ତୁମ ଡ୍ରଇଂ ବୁକ୍ ଓ ଏକ ପେନ୍ସିଲ୍ ନିଅ, ଏବଂ ତୁମ ଚତୁର୍ପାର୍ଶ୍ୱକୁ ଅନୁସନ୍ଧାନ କରିବାକୁ ବାହାରକୁ ଯାଆ ।

1. ଆକାଶକୁ ଦେଖ ଏବଂ ଏହାର ବିଶାଳତାକୁ ଅନୁଭବ କର । ତୁମେ ଦେଖୁଥିବା ରଙ୍ଗ କିମ୍ବା ମେଘର ରୂପ ବିଷୟରେ ଏକ ବିବରଣୀ ପ୍ରସ୍ତୁତ କର ।
2. ମାଟିକୁ ଦେଖ । ମାଟିର ରଙ୍ଗ, ବିଭିନ୍ନ ପ୍ରକାରର ପଥର, ଗୋଡ଼ି ଓ ଛୋଟ ଛୋଟ ପଥର ଉପରେ ନଜର ରଖ । ସ୍ପର୍ଶ କର ଏବଂ ସେମାନଙ୍କର ଗଠନ ଅନୁଭବ କର । ସେଗୁଡ଼ିକ କ'ଣ ଚିକ୍କଣ, ରୁକ୍ଷ, ଆବଡ଼ାଖାବଡ଼ା, ନା ଅନ୍ୟ ପ୍ରକାରର ?
3. ଏପରି ଏକ ସ୍ଥାନ ଖୋଜ ଯେଉଁଠାରେ କିଛି ଗଛ ଏବଂ ଛୋଟ ଛୋଟ ଗୁଳ୍ମ ଅଛି । ଧୀରେ ଧୀରେ ଗଛକୁ ସ୍ପର୍ଶ କର ଏବଂ ଏହାର ପତ୍ର, ଡାଳ, ଛାଲ, ଫୁଲ, ମଞ୍ଜି ଏବଂ ଅନ୍ୟ ଯେକୌଣସି ଜିନିଷର ଗଠନକୁ ଅନୁଭବ କର । ସେହି ଗଠନଗୁଡ଼ିକୁ ଆଙ୍କିବାକୁ ଚେଷ୍ଟା କର କିମ୍ବା ଶବ୍ଦ ମାଧ୍ୟମରେ ଏହାକୁ ଲେଖ ।
4. ପତ୍ରର ଆକୃତି, ଏବଂ ତୁମେ ଦେଖୁଥିବା ରେଖା ଏବଂ ଡାଞ୍ଚାଗୁଡ଼ିକୁ ସୂକ୍ଷ୍ମ ଭାବରେ ନିରୀକ୍ଷଣ କର। ତିନୋଟି ପତ୍ର ଅଙ୍କନ କର ଯାହାର ଆକୃତି, ରେଖା ଏବଂ ଡାଞ୍ଚା ଅଲଗା ଅଲଗା । ସେମାନଙ୍କର ରଙ୍ଗ ଉପରେ ନଜର ରଖ ।
5. ଯେକୌଣସି ଜୀବଜନ୍ତୁ ତଥା ପକ୍ଷୀ ବା କୀଟପତଙ୍ଗ ଉପରେ ସୂକ୍ଷ୍ମ ନଜର ରଖ । ସେମାନଙ୍କର ବସିବା, ଶୋଇବା, ଠିଆ ହେବା କିମ୍ବା ଚଲିବା ହେଇପାରେ। ସେମାନଙ୍କ ପ୍ରାରୂପ ଆଙ୍କିବାକୁ ଚେଷ୍ଟା କର ।

ଏକ ଗ୍ରୁପ୍ ରେ ଏକାଠି ହୁଅ, ଏବଂ ତୁମ ଚିତ୍ର ଓ ପର୍ଯ୍ୟବେକ୍ଷଣକୁ ବିନିମୟ କର ।

**ଅଭ୍ୟାସ କର :** ଏକ ଦୃଶ୍ୟ ପତ୍ରିକା ଆରମ୍ଭ କର ଏବଂ ପ୍ରତିଦିନ ତୁମେ ଦେଖୁଥିବା ବିଭିନ୍ନ ଜିନିଷର ଚିତ୍ର ପ୍ରସ୍ତୁତ କର ।

© NCERT not to be republished

## କାର୍ଯ୍ୟକଳାପ ୨ : ଅଧ୍ୟୟନ ପାଇଁ କ୍ଷେତ୍ର ଯାତ୍ରା

ସଂଗ୍ରହାଳୟ, କଳାକାରଙ୍କ ଷ୍ଟୁଡିଓ କିମ୍ବା କୌଣସି ସ୍ଥାନ ପରିଦର୍ଶନ କର ଯେଉଁଠି କଳାକାରମାନେ କାମ କରନ୍ତି । ପର୍ଯ୍ୟବେକ୍ଷଣ ଆଧାରିତ ନିମ୍ନ ପ୍ରଶ୍ନଗୁଡିକ ଉପରେ ତୁମ ଟିପ୍ପଣୀ ପ୍ରସ୍ତୁତ କର :

1. ତୁମେ କେଉଁ ପ୍ରକାରର ଦୃଶ୍ୟ କଳାକୃତି ଦେଖିଛ ?
2. କଳାକୃତି ତିଆରି କରିବାରେ କେଉଁ ସାମଗ୍ରୀ ବ୍ୟବହୃତ ହୁଏ ?
3. କଳାକାର କିଏ ? ସେମାନେ କେଉଁ ଉପକରଣ ଏବଂ କୌଶଳ ବ୍ୟବହାର କରନ୍ତି ?
4. କଳାକୃତି ତିଆରି କିମ୍ବା ପ୍ରଦର୍ଶନ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନକୁ କିପରି ବ୍ୟବସ୍ଥା କରାଯାଏ ?
5. ତୁମେ କିଛି ନୂତନ ଚିନ୍ତାଧାରା କିମ୍ବା ଅନୁଭୂତି ପାଇଛ କି ?

ତୁମ ନିଜ ଅଭିଜ୍ଞତାକୁ ଭିତ୍ତି କରି ଚିତ୍ରାଙ୍କନ କର କିମ୍ବା ତୁମେ ଏହି ଛବିଗୁଡ଼ିକୁ ଆଧାର ଭାବରେ ବ୍ୟବହାର କରିପାର ।







## କାର୍ଯ୍ୟକଳାପ ୩: ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିବା

ତୁମେ କେବେ ଭାବିଛନ୍ତି କି ରଙ୍ଗ କେଉଁଠୁ ଆସେ ? ସେଗୁଡ଼ିକ କିପରି ତିଆରି କରାଯାଏ ? ପୂର୍ବରୁ ପ୍ରସ୍ତୁତ ବାକ୍ସ ରଙ୍ଗ, ରଙ୍ଗ ପେନ୍ସିଲ ଏବଂ କ୍ରେୟନ ଇତ୍ୟାଦିର ଆବିଷ୍କାର ପୂର୍ବରୁ କଳାକାରମାନେ କ'ଣ ବ୍ୟବହାର କରୁଥିଲେ ?

ତୁମେ ଖାଉଥିବା ଖାଦ୍ୟ ବିଷୟରେ ଚିନ୍ତା କର। ଯେତେବେଳେ ତୁମ ଘରେ ରୋଷେଇ କରାଯାଏ, ଏହାକୁ ଅଧିକ ହଳଦିଆ କରିବା ପାଇଁ କ'ଣ ମିଶାଯାଇଥାଏ ?

**ହଳଦୀ !** ତୁମେ ଏହାକୁ ତୁମ ଭାଷାରେ ଘରେ କ'ଣ କୁହ ?

ବର୍ତ୍ତମାନ, ତୁମେ ଖାଇଥିବା ଅନ୍ୟ ଖାଦ୍ୟ ବିଷୟରେ ଚିନ୍ତା କର । ଯଦି ତୁମେ ଏପରି କିଛି ଖାଦ୍ୟ ଖାଅ ତେବେ ଏହାର କିଛି ରଙ୍ଗ ତୁମ ଆଙ୍ଗୁଠି, ଜିଭ ଏବଂ ଏପରିକି ତୁମ ପୋଷାକରେ ମଧ୍ୟ ଦାଗ ଦେଇଥାଏ ।

ସେହିଭଳି ଫୁଲକୁ ମଧ୍ୟ **ରଙ୍ଗ** ବାହାର କରିବା ପାଇଁ ବ୍ୟବହାର କରାଯାଇପାରିବ ।

ଗଛ ବ୍ୟତୀତ ମାଟି, ପଥର ଓ ଖଣିଜ ପଦାର୍ଥରୁ ମଧ୍ୟ ରଙ୍ଗ ତିଆରି କରାଯାଇପାରିବ । ଏହି ପ୍ରକ୍ରିୟାଗୁଡ଼ିକୁ ଲୋକମାନେ ବିଭିନ୍ନ କଳାତ୍ମକ ଉଦ୍ଦେଶ୍ୟରେ ରଙ୍ଗ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରିଆସୁଛନ୍ତି ।

ତୁମ ଖାଦ୍ୟରେ ଥିବା କିଛି ଫଳ, ପନିପରିବା, ପତ୍ର ଏବଂ ମୂଳର ଏକ ତାଲିକା ଲେଖନ୍ତୁ, ଯାହାକୁ ତୁମେ କ୍ରଶ କରିବା କିମ୍ବା ରୋଷେଇ କରିବା ସମୟରେ ରଙ୍ଗ ଦିଅନ୍ତି ।

1. ______________________________

2. ______________________________

3. ______________________________

4. ______________________________

5. ______________________________






© NCERT not to be republished

## ଆସ ନିଜର ପ୍ରାକୃତିକ ରଙ୍ଗ ତିଆରି କରିବା ଶିଖିବା






କ୍ଷେପ 1: ମାଟି, ଖଣିଜ ପଦାର୍ଥ, ପନିପରିବା, ଫୁଲ, ଫଳ, ଚେର, କୋଇଲା ଇତ୍ୟାଦିରୁ କଞ୍ଚାମାଲ ସଂଗ୍ରହ କର (କଳା କୋଇଲା ଏବଂ ନୀଳ ଲାପିସ୍ ଲାଜୁଲି ପଥରର ଚିତ୍ର ଦେଖ ।)

କ୍ଷେପ୍ 2: ଅଶୁଦ୍ଧି ଦୂର କରିବା ପାଇଁ ଉଣ୍ଡିତ ରଂଗକଗୁଡ଼ିକୁ ବାହାର କରିବା ପାଇଁ ଏହାକୁ ଗୁଣ୍ଡ କରି ଚାଲୁଣିରେ ଚଲାଯାଏ ।

କ୍ଷେପ 3: ଏହି ଗୁଣ୍ଡରେ ସଠିକ୍ ଅନୁପାତରେ ଏକ ବାଇଣ୍ଡର ମିଶାଯାଏ । ଏହା ଚିତ୍ରିତ ପୃଷ୍ଠାରେ ରଙ୍ଗକୁ ଲଗାଇବାରେ ସାହାଯ୍ୟ କରେ । ଆରବୀକ୍ ଗମ୍ (ବାବୁଲ ଗଛ ଛାଲର ରସ), ତେଲ, କ୍ଷୀର, ଅଣ୍ଡାର ଧଳା ଅଂଶ ଏବଂ ଅଣ୍ଡାର କେଶର ଆଦି କିଛି ପ୍ରାକୃତିକ ବାଇଣ୍ଡର ଅଟେ ।

କ୍ଷେପ୍ 4: ପ୍ରସ୍ତୁତ ରଙ୍ଗକୁ କଳାକୃତିରେ ପ୍ରୟୋଗ କରାଯାଏ ।





## କାର୍ଯ୍ୟକଳାପ ୪: କଳାକୃତିରେ ପ୍ରାକୃତିକ ରଙ୍ଗ ବ୍ୟବହାର କରିବା

କ୍ଷେପ 1: ପୃଥିବୀ କିମ୍ବା ଉଦ୍ଭିଦରୁ କିଛି ପଦାର୍ଥ ସଂଗ୍ରହ କର ।

କ୍ଷେପ୍ 2: ତୁମ ଶିକ୍ଷକ ଏବଂ ସହକର୍ମୀମାନଙ୍କ ସହିତ ରଙ୍ଗ ପ୍ରସ୍ତୁତ କରିବାର ପ୍ରକ୍ରିୟା ବିଷୟରେ ଆଲୋଚନା କର ଏବଂ ଏକତ୍ର ତୁମ ରଙ୍ଗ ପ୍ରସ୍ତୁତ କର ।

କ୍ଷେପ 3: ତୁମେ ପ୍ରସ୍ତୁତ କରିଥିବା ରଙ୍ଗରୁ କିଛି କିଛି ରଙ୍ଗ ନେଇ ମିଶ୍ରଣ କରି ନୂତନ ରଙ୍ଗର ପ୍ରସ୍ତୁତ କରିବାର ଯୋଜନା କର ଏବଂ ପରୀକ୍ଷଣ କର ।


କ୍ଷେପ୍ 4: ଏକ ରଙ୍ଗ ବିଷୟରେ ଚିନ୍ତା କର ଯାହା ତୁମ କଳାକୃତିରେ ବ୍ୟବହୃତ ହୋଇପାରିବ ।

କ୍ଷେପ୍ 5: ପ୍ରାକୃତିକ ରଙ୍ଗ ବ୍ୟବହାର କରି ତୁମ କଳାକୃତି ସୃଷ୍ଟି କର ।

ସମସ୍ତେ ନିଜ ନିଜର କଳାକୃତି ସମାପ୍ତ କରିବା ପରେ, କଳାକୃତିର ଶ୍ରେଣୀରୁମ୍ ପ୍ରଦର୍ଶନୀ କର । ତୁମେ ବ୍ୟବହାର କରିଥିବା ସାମଗ୍ରୀର ନାମ ଏବଂ ଏହାର ବିବରଣୀ ସହିତ ତୁମ କଳାକୃତିର ନାମକରଣ କର ।

ତୁମେ ତୁମର କିଛି ପ୍ରାରମ୍ଭିକ ସ୍କେଚ୍ କିମ୍ବା ପରୀକ୍ଷଣକୁ ବିନିମୟ ପାଇଁ ମଧ୍ୟ ପ୍ରଦର୍ଶନ କରିପାରିବ ଯାହା ତୁମ କାମର ପ୍ରକ୍ରିୟାକୁ ଦର୍ଶାଏ । ସମସ୍ତଙ୍କ କଳାକୃତିରେ ଦେଖାଯାଉଥିବା ପ୍ରକ୍ରିୟା ଏବଂ ରଙ୍ଗ ବିଷୟରେ ଆଲୋଚନା କର ।

© NCERT not to be republished




## କାର୍ଯ୍ୟକଳାପ ୫ : ରଙ୍ଗର ଆଭା ଏବଂ ରଙ୍ଗର ଶେଡ୍ ସୃଷ୍ଟି କରିବା

### ତୁମେ ଜାଣକି ରଙ୍ଗ ମଧ୍ୟ ଆମ ମନୋଭାବନା ପରି ବଦଳିଥାଏ ?

ତୁମେ ଲକ୍ଷ୍ୟ କରିଛ କି ଦିନସାରା ତୁମ ମନୋଭାବନା କିପରି ବଦଳିଥାଏ ? ପାଞ୍ଚ ମିନିଟ୍ ପାଇଁ ତୁମ ମନୋଭାବନା ବିଷୟରେ ମନେ ପକାଅ ଏବଂ ସେ ବିଷୟରେ କଥା ବାର୍ତ୍ତା କର :

1. ସ୍କୁଲ ସାରି ଘରକୁ ଯିବା ପରେ ତୁମ ମନୋଭାବ କ'ଣ ହୋଇଥାଏ ?
2. ରାତ୍ରି ଭୋଜନ ସମୟରେ ତୁମ ମନୋଭାବ କ'ଣ ?
3. ଶୋଇବା ପୂର୍ବରୁ ତୁମ ମନୋଭାବ କ'ଣ ?
4. ସକାଳୁ ଉଠିବା ପରେ ତୁମ ମନୋଭାବ କ'ଣ ହୋଇଥାଏ ?
5. ବର୍ତ୍ତମାନ ତୁମର ମନୋଭାବ କ'ଣ ଅଛି ?

ମନୋଭାବ ଏବଂ ଅନୁଭବ କିଛି ସମୟ ପର୍ଯ୍ୟନ୍ତ ରହିଥାଏ ଏବଂ ଧୀରେ ଧୀରେ ବଦଳିଯାଏ । ସେମାନେ ଶକ୍ତିଶାଳୀ ଏବଂ ତୀବ୍ର କିମ୍ବା ମୃଦୁ ଅନୁଭବ କରିପାରନ୍ତି ।

ରଙ୍ଗ ମଧ୍ୟ ସେମିତି । ଆମେ ତାହାକୁ ଜୀବନ୍ତ, ତୀବ୍ର, ଗାଢ଼୍, ଉଜ୍ଜ୍ୱଳ, ହାଲକା, ମୃଦୁ ... ଇତ୍ୟାଦି କରିପାରିବା ।

ଚିନ୍ତା କର ସୂର୍ଯ୍ୟୋଦୟ କିମ୍ବା ସୂର୍ଯ୍ୟାସ୍ତ ସମୟରେ ଆକାଶର ରଙ୍ଗ କେଉଁ ଭାବରେ ବଦଳିଥାଏ ।



ବର୍ଜ୍ୟ ବସ୍ତୁ ସହ କୋଲାଜ୍

ତୁମେ ଲକ୍ଷ୍ୟ କରିଛ କି ସୂର୍ଯ୍ୟକିରଣରୁ ଏବଂ ବାରମ୍ବାର ଧୋଇବା କାରଣରୁ ତୁମ ପୋଷାକର ରଙ୍ଗ ସମୟ କ୍ରମେ ଫିକା ହୋଇଯାଏ ? ଏମାନେ ଉଜ୍ଜ୍ୱଳରୁ ଫିକା କିମ୍ବା ଗାଢ଼୍ ରୁ ଫିକାରେ ପରିବର୍ତ୍ତିତ ହୁଅନ୍ତି ।

କଳା ରଙ୍ଗରେ ଏହି ଭିନ୍ନତାକୁ ରଙ୍ଗର ଆଭା ଏବଂ ଶେଡ୍ କୁହାଯାଏ । ଆମେ ଯେ କୌଣସି ରଙ୍ଗରେ ଧଳା ରଙ୍ଗ ମିଶାଇ ରଙ୍ଗର ଆଭା ତିଆରି କରିଥାଉ । ଆମେ ଯେ କୌଣସି ରଙ୍ଗରେ କଳା ରଙ୍ଗ ମିଶାଇ ରଙ୍ଗର ଶେଡ୍ ତିଆରି କରିଥାଉ ।

**ରଙ୍ଗ + ଧଳା = ରଙ୍ଗର ଆଭା**

**ରଙ୍ଗ + କଳା = ରଙ୍ଗର ଶେଡ୍**

© NCERT not to be republished





ରଙ୍ଗର ଆଭା ଏବଂ ଶେଡ୍ ସୃଷ୍ଟି କରିବା

## ଆସ ଅଭ୍ୟାସ କରିବା !

ସାମଗ୍ରୀ : ଆଙ୍କିବା ପାଇଁ ସାଧା କାଗଜ ଏବଂ ରଙ୍ଗ (ପାଣିର ରଙ୍ଗ, ପୋଷ୍ଟର ରଙ୍ଗ କିମ୍ବା ପାଉଡର ରଙ୍ଗ) - କଳା, ଧଳା ଏବଂ ଅନ୍ୟ ଦୁଇ କିମ୍ବା ତିନୋଟି ରଙ୍ଗ ।

ବିକଳ୍ପ : ପୁରୁଣା ଖବରକାଗଜ କିମ୍ବା ପତ୍ରିକାରୁ ରଙ୍ଗ ପୃଷ୍ଠା ନିଅ ଏବଂ ଏକ ପେପର୍ ମୋଜାଇକ୍ ତିଆରି କରିବା ପାଇଁ ରଙ୍ଗର ବିଭିନ୍ନ ଆଭା ଏବଂ ଶେଡ୍ ଖୋଜ ।

## ପ୍ରକୃତିର ରଙ୍ଗପଟି (Palette)

ପ୍ରକୃତିର ବିଭିନ୍ନ ରଙ୍ଗଦେଖି ତୁମେ କେବେ ଆଶ୍ଚର୍ଯ୍ୟ ହୋଇଛ କି ?

ବାହାରକୁ ଯାଅ ଏବଂ ତିନୋଟି ଭିନ୍ନ ଭିନ୍ନ ରଙ୍ଗ କିମ୍ବା ଶେଡ୍ ର ତିନୋଟି ପତ୍ର ଖୋଜ ।

ତୁମେ ଦେଖିଥିବା ଶେଡ୍ ପାଇବା ପାଇଁ ବିଭିନ୍ନ ରଙ୍ଗକୁ ମିଶ୍ରଣ କରିବାକୁ ଚେଷ୍ଟା କର ।


## ସମ୍ପ୍ରସାରଣ - ରଙ୍ଗର ଆଭା ଏବଂ ଶେଡ୍ ଗୁଡ଼ିକର ମ୍ୟାପିଂ କରିବା

ତୁମେ ତିଆରି କରିଥିବା ରଙ୍ଗର ଆଭା ଏବଂ ଶେଡ୍ କୁ ନିଦର୍ଶନ ଭାବରେ ବ୍ୟବହାର କର । ମ୍ୟୁଜିୟମ୍ ୱେବସାଇଟ୍ ରୁ କଳାକୃତିର ଚିତ୍ର ଖୋଜ କିମ୍ବା ଚିତ୍ରିତ ପୁସ୍ତକ ଯେଉଁଥିରେ ଚିତ୍ରଗୁଡିକରେ ସମାନ ରଙ୍ଗର ଆଭା ଏବଂ ଶେଡ୍ ରହିଛି । ଦେଖ ଯେ କିପରି ଆଭା ବା ଶେଡ୍ କଳାକୃତିରେ ରହିଥିବା ଚିନ୍ତାଧାରାକୁ ବଢ଼ାଉଛି। ଏହି ଅଭ୍ୟାସକୁ ଚାରିରୁ ପାଞ୍ଚଟି ଭିନ୍ନ ଭିନ୍ନ ରଙ୍ଗ ଏବଂ ସେଗୁଡ଼ିକର ଆଭା ଏବଂ ଶେଡ୍ ସହିତ ପୁନରାବୃତ୍ତି କର । ରଙ୍ଗର ଆଭା ଏବଂ ଶେଡ୍ ସହିତ ତୁମେ ଅନୁଭବ କରିଥିବା ମନୋଭାବର ଏକ ସଂକ୍ଷିପ୍ତ ବର୍ଣ୍ଣନା କର ।



© NCERT not to be republished

## କାର୍ଯ୍ୟକଳାପ ୬: କଳାକାରଙ୍କ ଦ୍ୱାରା ବ୍ୟବହୃତ ପୃଷ୍ଠପଟ୍ଟ ଏବଂ ସାମଗ୍ରୀ





ତୁମେ ଜାଣିଛ ଯେ ପ୍ରକୃତିରୁ ରଙ୍ଗ ତିଆରି କରାଯାଇପାରିବ। କାଗଜ ଆବିଷ୍କାର ପୂର୍ବରୁ କଳାକାରମାନେ ପ୍ରାକୃତିକ ପୃଷ୍ଠପଟ୍ଟ ଯଥା ପଥର, ଗୁମ୍ଫାର କାନ୍ଥ, ମାଟିର ଚଟାଣ, ତାଳପତ୍ର, କାଠ ଓ କପଡ଼ାରେ ଚିତ୍ରାଙ୍କନ କରୁଥିଲେ ।

ସେମାନେ ଟେରାକୋଟା, ପଥର, ପ୍ରାଣୀଙ୍କ ହାଡ଼, ଚମଡ଼ା, କାଠ, ଧାତୁ ଏବଂ ସୂତାର ବ୍ୟବହାର କରି ବିଭିନ୍ନ ପ୍ରକାର ତ୍ରିମୁଖୀ ବସ୍ତୁ ଓ ମୂର୍ତ୍ତି ତିଆରି କରୁଥିଲେ ।

ସେମାନେ ପ୍ରତ୍ୟେକ ପଦାର୍ଥ ଏବଂ ପୃଷ୍ଠପଟ୍ଟ ସହିତ କାମ କରିବା ପାଇଁ ସ୍ୱତନ୍ତ୍ର ଉପକରଣର ଆବିଷ୍କାର ଏବଂ କୌଶଳ ବିକଶିତ କରିଥିଲେ ।

ଯଦି ତୁମ ପାଖରେ କାଗଜ ନଥାଏ, ତେବେ ତୁମେ ତୁମ କଳାକୃତି ପାଇଁ କେଉଁ ପୃଷ୍ଠପଟ୍ଟ ଏବଂ ସାମଗ୍ରୀ ଚୟନ କରିବ ? ନିଜର ପରୀକ୍ଷଣ ନିଜେ କର ଏବଂ ତୁମ କଳାକୃତି ପ୍ରସ୍ତୁତ କର ।

ନିମ୍ନ ପୃଷ୍ଠାରେ ଥିବା ଉଦାହରଣଗୁଡ଼ିକ ଦେଖ। ପ୍ରାକ୍-ଐତିହାସିକ କାଳରୁ କଳାକାରମାନେ ବ୍ୟବହାର କରିଆସୁଥିବା ବିଭିନ୍ନ ସାମଗ୍ରୀ ଏବଂ ପୃଷ୍ଠପଟ୍ଟ ବିଷୟରେ ତୁମେ ଜାଣିପାରିବ ।








© NCERT not to be republished

ପଥର
ପୃଷ୍ଠପଟ

ମାଟିର ରଙ୍ଗ






ଭିମ୍ବେଟ୍କା

ଫ୍ରିସ୍କୋ
ପୃଷ୍ଠପଟ

ପୃଥିବୀ ଏବଂ ଖଣିଜ
ରଙ୍ଗ





ଅଜନ୍ତା ଗୁମ୍ଫା

ପତ୍ର
ପୃଷ୍ଠପଟ

ପ୍ରାକୃତିକ ରଙ୍ଗ






ଶୁଖିଲା ତାଳ ପତ୍ର

କାନ୍ଥ,
ଚଟାଣ
ପୃଷ୍ଠପଟ

ଚାଉଳ ଅଟା, ମାଟିର
ରଙ୍ଗ





କୋଲମ୍

କପଡ଼ା
ପୃଷ୍ଠପଟ

ପ୍ରାକୃତିକ
ରଙ୍ଗ





କଲମକଢ଼ି

© NCERT not to be republished



## କାର୍ଯ୍ୟକଳାପ ୭: ପ୍ରକୃତି ମୋର ପ୍ରେରଣା

ବର୍ତ୍ତମାନ, ତୁମେ ଜାଣ ଯେ କଳାକାରମାନେ ସେମାନଙ୍କ ପରିବେଶକୁ ସୂକ୍ଷ୍ମ ଭାବରେ ପର୍ଯ୍ୟବେକ୍ଷଣ କରି ବିବରଣୀ ସଂଗ୍ରହ କରନ୍ତି । ପ୍ରତ୍ୟେକ କଳାକାରଙ୍କର ନିଜସ୍ୱ କଳ୍ପନାଶକ୍ତି ଅଛି ଏବଂ ସେମାନେ ବ୍ୟବହାର କରୁଥିବା ସାମଗ୍ରୀ, ଉପକରଣ ଏବଂ କୌଶଳରେ ନିଜସ୍ୱ ପସନ୍ଦ ରହିଛି । ଏହା ହିଁ ସେମାନଙ୍କ କାର୍ଯ୍ୟକୁ ଅନନ୍ୟ କରିଥାଏ ।

ଜଣେ କଳାକାରଙ୍କ ଭଳି ତୁମେ ମଧ୍ୟ ନିଜର କଳ୍ପନାକୁ ବ୍ୟବହାର କରିପାରିବ । ତୁମେ ନିଜର ଧାରଣା ପାଇଁ ଉପଯୁକ୍ତ ସାମଗ୍ରୀ ଏବଂ ଉପକରଣ ଚୟନ କରିପାରିବ । ପ୍ରକୃତି ହେଉଛି ତୁମର ପ୍ରେରଣା ଏବଂ ତୁମେ ହିଁ ସୃଷ୍ଟିକର୍ତ୍ତା। ନିଜର ଅନୁଭୂତି ଏବଂ ପର୍ଯ୍ୟବେକ୍ଷଣ ଅନ୍ତର୍ଭୁକ୍ତ କର ।

ଏହା ପର୍ବତ କିମ୍ବା ନଦୀ କିମ୍ବା ସୂର୍ଯ୍ୟ ହେବା ଆବଶ୍ୟକ ନୁହେଁ । ତୁମ ପାଇଁ ପ୍ରକୃତିର ପ୍ରତିନିଧିତ୍ୱ କ'ଣ ତାହା ତୁମେ ସ୍ଥିର କର । ଏହା ତୁମ ନିକଟବର୍ତ୍ତୀ ପରିବେଶଠାରୁ ଅଧିକ ନିକଟତର ହୋଇପାରେ । ମନେ ରଖ, ଛବିଟି ତୁମ ଦୃଷ୍ଟିରୁ ହେବା ଉଚିତ୍ !



© NCERT not to be republished